# କୁଚିଣ୍ଡା ମହାବିଦ୍ୟାଳୟରେ ବିଶ୍ୱ ରକ୍ତ ଶିକୁଳି ଦିବସ



କୁଚିଣ୍ଡା,୧୯।୬(ଆପ୍ର): ସ୍ଥାନୀୟ କୁଚିଣ୍ଡା ମହାବିଦ୍ୟାଳୟରେ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଡିଟୋରିଅମ ଠାରେ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁବୋଧ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରକ୍ତ ଶିକୁଳିର କାରଣ, ଚିହ୍ନଟ କରିବାର ପ୍ରକ୍ରିୟା ତଥା ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ରୂପେ ରସାୟନ ବିଜ୍ଞାନ ଓ ପ୍ରାଣୀ ବିଜ୍ଞ୍ୟାନ ବିଭାଗର ବିଭାଗୀୟ ମୁଖ୍ୟ ଯଥାକ୍ରମେ ଡ. ସୁମନ୍ତ ପଟେଲ ଓ ସୁଭଦ୍ରା ଦାସ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗ ମୁଖ୍ୟ ଡ. ଅମିୟ ପାତ୍ର ପ୍ରାରମ୍ଭିକ ସୂଚନା ଦେବା ସହିତ ପରିଚାଳନା କରିଥିଲେ। ଅନ୍ୟା ମାନଙ୍କ ମଧ୍ୟରେ ଏନସିସି ଅଫିସର ରୋଶନ କୁଲୁ, ଯୁବ ରେଡ୍‌କ୍ରସ ଅଧିକାରୀ ଭିକାରୀ ଓରାମ, ଦିବ୍ୟ ନାଗ, ଝରଣା ସୁନା, ଏନଏନଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା, ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ମଞ୍ଜୁଶ୍ରୀ ଦାସ, ପ୍ରାଧ୍ୟାପକ ପ୍ରମୋଦ ଦାସ,ମମତା ଟପ୍ପୋ, ଅର୍ଥନିତୀ ବିଭାଗ ମୁଖ୍ୟ ଅଭିନ୍ନ କିଷାନ, ଅଧ୍ୟାପକ ମହାଦେବ ମେହେର, ଚନ୍ଦନ ଖଣ୍ଡଗିରି, ଜୀବ ବିଜ୍ଞାନ ବିଭାଗୀୟ ମୁଖ୍ୟ ସାର୍ଥକ ମିଶ୍ର, ଅଧ୍ୟାପିକା ଋତୁପ୍ରିୟା ନାଏକ, ସୁଷମା ଦାସ, ଓଡ଼ିଆ ବିଭାଗ ଅଧ୍ୟାପିକା ମଞ୍ଜୁଶ୍ରୀ ଦାସ, ଗଜମତି କୁମୁରା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସୁଧାଂଶୁ ମହାପାତ୍ରଙ୍କ ସହିତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।